ଧରିତ୍ରୀ
DHARITRI

# ରଙ୍ଗତୂଳୀରେ ପରିବେଶ ସଚେତନତା ବାର୍ତ୍ତା

**ଖୋର୍ଦ୍ଧା ଅଫିସ/ଜଟଣୀ/ନିରାକାରପୁର, ୫ା୬(ଡି.ଏନ୍.ଏ.)**



ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶନିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସିଗମ୍ା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ରଙ୍ଗତୂଳିରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ବିଶ୍ୱତାପାୟନରୁ ବର୍ତ୍ତିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ଲଗାଇ ସହ ଯତ୍ନନେବା ଲାଗି ଆହ୍ୱାନ କରିଛନ୍ତି। ପରିବେଶର ସୁରକ୍ଷା, ସନ୍ତୁଳନ ଲାଗି ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି ବୋଲି ଛାତ୍ରୀଛାତ୍ରମାନେ ଚିତ୍ର ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି। ସ୍କୁଲ ଅଧକ୍ଷା ମମତାଞ୍ଜଳୀ ପଟ୍ଟନାୟକ, ସ୍କୁଲ ପରିଚାଳନା ଅଧକ୍ଷ ଶୁଭ୍ରାଂଶୁ ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ସାମାଜିକ ଅନୁଷ୍ଠାନ ପ୍ରସନ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଯାଁଳା ସ୍ଥିତ ମିଶନାରି ଅଫ ଚାରିଟି ଆଶ୍ରମ ପରିସରରେ ଚାରାରୋପଣ କରିଥିଲେ। ଏଥିରେ ଆଶ୍ରମର ଅନ୍ତେବାସୀ ସାମିଲ ହୋଇଥିଲେ। ଗଛଟିଏ ଲଗାଇ ପରିବେଶ ବଞ୍ଚାନ୍ତୁ ବାର୍ତ୍ତା ଦେଇଥିଲେ। ସେହିପରି ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ୟାମ୍ପସ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣକୁ ରୋକିବାକୁ ହେଲେ ଗଛ ଲାଗଇବା ଗୁରୁତ୍ୱ ବୋଲି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର କହିଛନ୍ତି। ଚାରାରୋପଣ କାର୍ଯ୍ୟକ୍ରମରେ ଡିନ୍ ଡ. ଶ୍ରୀନିବାସ ଭାସ୍କର କରାନକିଙ୍କ ସମେତ ଅଧାପିକା, ଅଧାପକମାନେ ଉପସ୍ଥିତ ଥିଲେ। ସେତିପରି ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ପରିବେଶ ଦିବସ ପାଳିତ ହୋଇଯାଇଛି। ପରିବେଶର ସୁରକ୍ଷା ଓ ଅମ୍ଳଜାନର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ନିରାକାରପୁର ଖବରଦାତାମାନେ ଷ୍ଟେଶନ ଆପ୍ରୋଚ ରାସ୍ତା କଡ଼ରେ ଚାରାରୋପଣ କରି ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ଏହି ଅଞ୍ଚଳର ସମସ୍ତ ଖବରଦାତା ଉପସ୍ଥିତ ଥିଲେ।